# "ସେ କହୁଛନ୍ତି ମୁଁ ଓକିଲ ପରାମର୍ଶ କରିଛି, ମୁଁ ନିଶ୍ଚିତ ଅଧା ଦରମା ପାଇବି"

ମୋର ନାମ ପ୍ରକାଶ ଚନ୍ଦ୍ର ପଣ୍ଡା (ଛଦ୍ମନାମ) । ଘର ଅନୁଗୁଳ ଜିଲ୍ଲାରେ । ମୁଁ ଦୀର୍ଘବର୍ଷ ଧରି ନାଲ୍‌କୋ, ଅନୁଗୁଳର କର୍ମଚାରୀ ଅଟେ । ଆମେ ହେଲୁ ନିମ୍ନ ମଧ୍ୟବିତ୍ତ ପରିବାରର ଜନ୍ମିତ ସନ୍ତାନ । ବହୁ କଷ୍ଟରେ ପାଠ ପଢ଼ି ବିଭିନ୍ନ ଛୋଟମୋଟ କମ୍ପାନୀରେ ଚାକିରୀ କରି ଶେଷରେ ୨୦୦୪ ମସିହାରେ ନାଲ୍‌କୋରେ ଚାକିରୀ ଖଣ୍ଡିଏ ମିଳିଥିଲା । ଘର ପରିବାରରେ ଆଉ ଜଣେ ଅବିବାହିତ ଭଉଣୀ ମଧ୍ୟ ଥିଲା । ଭଉଣୀ ବିବାହ ପୂର୍ବରୁ ମୁଁ ବିବାହ କରିବି ନାହିଁ ବୋଲି ମନେ ମନେ ସ୍ଥିର କରିଥିଲି । ମାତ୍ର ଭଉଣୀ ପାଇଁ ଭଲ ବରପାତ୍ରଟିଏ ମିଳିବା ସହଜ ହେଲା ନାହିଁ । ବୟସ ଗଡ଼ିଗଡ଼ି ଯାଉଥିବାରୁ କୈନିକ ମଧ୍ୟସ୍ଥିଙ୍କ ସହଯୋଗରେ ମୁଁ ତା-୧୨-୦୬-୨୦୧୫ରିଖ  ଦିନ ବିବାହ କଲି । ବିବାହର ମାତ୍ର ୧ ମାସ ପରେ ଘରେ ଭିଷଣ ପାଟିତୁଣ୍ଡ ଲାଗିରହିଲା । ମୋ ଶ୍ୱଶୁରଙ୍କ ଘରକୁ ଜିନିଷପତ୍ର ପଠାଇବାପାଇଁ ମୋ ସ୍ତ୍ରୀ ମୋତେ ଜବରଦସ୍ତ ଚାପ ସୃଷ୍ଟି କରୁଥିଲା । ଏପରିକି ଆମ ଘରଲୋକଙ୍କୁ ନ ପଚାରିବା ପାଇଁ ମତେ ପ୍ରବର୍ତ୍ତାଉ ଥିଲା । ଏଥିରେ ମୁଁ ସମ୍ପୂର୍ଣ୍ଣ ଅରାଜି ହେଲି  । ତେଣୁ ସେ ରାଗି ତାଙ୍କ ବାପା ଘରକୁ ଚାଲିଗଲେ । ମୁଁ ବାରମ୍ବାର ଯାଇ ତାଙ୍କ ଘରେ ନେହୁରା ହୋଇ କହିଲେ ମଧ୍ୟ ମୋ କଥାକୁ ସେ ଭୃକ୍ଷେପ କଲେ ନାହିଁ । ଏପରିକି ତାଙ୍କ ସର୍ତ୍ତରେ ରାଜି ହେଲେ ସେ ଆସିବେ ବୋଲି ମତେ କହିଲେ । ଯାହାକି, ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ଥିଲା । ଗତ ତା-୨୮-୦୨-୨୦୧୬ରିଖ ଦିନ ମୋ ନାମରେ ଏକ ମିଥ୍ୟା ଯୌତୁକ ନିର୍ଯ୍ୟାତନା ମାମଲା ନାଲ୍‌କୋ ନଗର ଥାନାରେ ରୁଜୁ କରାଗଲା । ଯାହାକି ଅତ୍ୟନ୍ତ ଦୁଃଖ ଦାୟକ ଘଟଣା  । ଆମେ ସମସ୍ତ ପରିବାର ବର୍ଗ ଯାଇ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଜାମିନ୍ ହୋଇ ଆସିଲୁ । ଏହାପରେ ମୋର ବାପା ମା ମୋ କ୍ୱାଟରକୁ ଗଲାପରେ ବାଡ଼ଉଛି ମାରୁଛି କହି ପୁଣି ଏକ ଏଫ୍. ଆଇ. ଆର୍. ଦିଆଯାଇଛି । ଏପରିକି ନାଲ୍‌କୋ ନଗର ପୋଲିସ୍ ମୋର ବାପାଙ୍କୁ ନେଇ ବସ୍ ଷ୍ଟାଣ୍ଡରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଛାଡ଼ିଦେଇ ଆସିଲା । ବାପା ମୋର ପାରାଲିସିସ୍ ରୋଗୀ  । ଏଭଳି ସ୍ତରରେ ସେ ନାଲ୍‌କୋରେ ଥିବା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ମାତ୍ର ମୁଁ ପୋଲିସ୍‌ର ଗିରଫ୍ ଭୟରେ ଲୁଚିଲୁଚି ବୁଲୁଥିବା ବେଳେ ମୋର ସ୍ତ୍ରୀ, ଶାଶୁ ଓ ଶ୍ୱଶୁର ଆସି ମୋର କ୍ୱାଟରରେ ରହୁଛନ୍ତି । ଏପରିକି ଏକ ପ୍ରମୁଖ ଖବରକାଗଜର ସାମ୍ବାଦିକ ଘଟଣାର କୌଣସି ସତ୍ୟାସତ୍ୟ ନବୁଝି ଏକପାଖିଆ ଭାବରେ ଖବର ଛାପୁଛନ୍ତି । ଯାହାକି ମୋର ଭାବମୂର୍ତ୍ତିରେ କଳଙ୍କ ଲଗାଇ ଦେଉଛି । ସ୍ତ୍ରୀ ଏବେ ମୋତେ କହୁଛି ବାପା ମୋର ବହୁ କଷ୍ଟରେ ଖୋଜି ଖୋଜି ଚାକିରୀଆ ଜ୍ୱାଇଁ କରିଛନ୍ତି । ସବୁ ଚାକିରୀଆ ଜ୍ୱାଇଁମାନଙ୍କ ଭଳି ତୁମେ ବି ଦୁଇଟା ବାପାଙ୍କୁ ସମାନ ସମାନ ଦରମା ଭାଗବାଣ୍ଟିଦେବ । ମୋ ବାପା ମୋତେ ମଧ୍ୟ ପାଠ ପଢ଼ାଇ ମଣିଷ ହେବା ପାଇଁ ପଇସା ଖର୍ଚ୍ଚ କରିଛନ୍ତି । ଏପରିକି ଚାକିରୀଆ ଜ୍ୱାଇଁଟିଏ ପାଇବା ପାଇଁ ବହୁ ମଧ୍ୟସ୍ଥିଙ୍କ ପଛରେ ପଇସା ଖର୍ଚ୍ଚ କରିବା ସହିତ ସମୟ ନଷ୍ଟ କରିଛନ୍ତି, କେବଳ ମୋର ବିବାହ ଏକ ଚାକିରୀଆକୁ କରାଇବା ପାଇଁ । ତେଣୁ ତୁମର ଅଧା ଦରମା ମୋ ବାପାଙ୍କ ପାଇଁ ନିହାତି ଖର୍ଚ୍ଚ ହେବା ଦରକାର । ଯଦି ଭଲରେ ଭଲରେ ମୋ ସର୍ତ୍ତରେ ରାଜି ତେବେ ମୁଁ ତୁମ ପାଖରେ ରହିବି । ନଚେତ୍ ଏ କେସ୍ ଚାଲୁଛି ଆଉ ଚାଲିବ । "ସେ କହୁଛନ୍ତି ମୁଁ ଓକିଲ ପରାମର୍ଶ କରିଛି, ମୁଁ ନିଶ୍ଚିତ ଅଧା ଦରମା ପାଇବି" । ଏସବୁ କଥା ଶୁଣିଲା ପରେ ମତେ ପାଗଳ ଭଳି ଲାଗୁଛି । କ'ଣ କରିବି କିଛି ଭାବି ପାରୁନାହିଁ । ବିବାହ କରି ମୁଁ ଏକ ଭୁଲ୍ କରିପକାଇନି ତ............... ? ? ?

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍  (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର : ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନଗତ ସହଯୋଗ କରିବୁ ।